**ଗ୍ରାମୀଣ କୃଷି ମୌସୁମୀ ସେବା**
ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

**ତାରିଖ : 01-12-2023**

**ବଲାଙ୍ଗୀର(ଓଡିଶା) - :2023-12-01 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2023-12-02 | 2023-12-03 | 2023-12-04 | 2023-12-05 | 2023-12-06 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 2.0 | 7.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 31.0 | 31.0 | 30.0 | 29.0 | 27.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 18.0 | 18.0 | 19.0 | 21.0 | 21.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 71 | 63 | 91 | 96 | 70 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 31 | 38 | 61 | 83 | 28 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 7 | 10 | 12 | 14 | 12 |
| ପବନର ଦିଗ (ଡିଗ୍ରୀ) | 72 | 69 | 63 | 24 | 77 |
| ମେଘାଛନ (ଅକ୍ଟା) | 3 | 3 | 4 | 5 | 6 |

## ପାଣିପାଗ ସାରାଂଶ/ସତର୍କ:

ଭାରତ ପାଣିପାଗ ବିଭାଗ ଅନୁସାରେ ଆଗକୁ ଚତୁର୍ଥ ଓ ପଞ୍ଚମ ଦିନ ସ୍ୱଳ୍ପ ବର୍ଷା ସମ୍ଭାବନା ଓ ଅନ୍ୟ ୩ ଦିନ ପାଗ ଶୁଷ୍କ ସମ୍ଭାବନା। ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୭-୩୧ ଡିଗ୍ରୀ ସେଲସିୟସ ୧୮-୨୧ ଡିଗ୍ରୀ ସେଲସିୟସ ସମ୍ଭାବନା। ସର୍ବାଧିକ ଓ ସର୍ବନିମ୍ନ ଅଦ୍ରତା ୬୩-୯୬ % ଏବଂ ୨୮-୮୩ % ସମ୍ଭାବନା। ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୭ ରୁ ୧୪ କିଲୋମିଟର ପ୍ରତି ଘଣ୍ଟା ମଧରେ ରହିବ। ସମ୍ଭାବନା । ଆଗକୁ ୫ ଦିନ ଆକାଶ ଆଂଶିକ ମେଘୁଆ ରୁ ମୁଖ୍ୟତ ମେଘୁଆ ସମ୍ଭାବନା।

## ସାଧାରଣ ଉପଦେଶ:

• ଅମଳ ହୋଇଥିବା ଫସଲକୁ ଅଦିନିଆ ବର୍ଷା ରୁ ରକ୍ଷା ପାଇଁ ସୁରକ୍ଷିତ ସ୍ଥାନ କୁ ନିଅନ୍ତୁ । • ଶତକଡା ୮୦-୮୫ ଭାଗ ଧାନ ପାଚିଗଲା ପରେ କାଟି ଶୀଘ୍ର ଅମଳ କରି ଦିଅନ୍ତୁ । ଅମଳ ପରେ ଧାନ କୁ ଭଲ ଭାବେ ଖରା ରେ ଶୁଖାଇ ସାଇତି ରଖନ୍ତୁ । • ଫାଟି ଯାଇଥିବା ପାକଳ ଫଳ ରୁ କପା ଅମଳ କରନ୍ତୁ ଓ ଅମଳ ହୋଇଥିବା ଫସଲକୁ ସୁରକ୍ଷିତ ସ୍ଥାନକୁ ନିଅନ୍ତୁ ।ଉପର ବେଳା ସମୟ ରେ କୋବି ଜାତୀୟ ଚାରା ରୋପଣ କରନ୍ତୁ । • ଶୀତ ଦିନିଆ ପନିପନିରିବା ଟମାଟୋ, ବନ୍ଧା କୋବି, ଫୁଲ କୋବି ଓ ପିଆଜ ଚାଷ ପାଇଁ ତଳି ଘେରା ପ୍ରସ୍ତୁତ କରି ବିହନ ବୁଣନ୍ତୁ ଓ ତଳିଘେରା ଉପରେ ଛାମୁଣ୍ଡିଆ କରନ୍ତୁ ।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

ନିୟମିତ ଫସଲ ପର୍ଯ୍ୟବେକ୍ଷଣ କରନ୍ତୁ ଓ ରୋଗ ପୋକ ପ୍ରତି ଧ୍ୟାନ ଦିଅନ୍ତୁ । ପାଗ ପରିଷ୍କାର ଦେଖି କି ସାର ଓ କୀଟନାଶକ ପ୍ରୟୋଗ କରନ୍ତୁ ।

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଧାନ ଅମଳ କରବିାର 15 ଦିନ ପୂବରୁ ଜମିରୁ ପାଣି କାଟି ଦିଅନ୍ତୁ। ଧାନ କେଣ୍ଡା ରେ ଶତକଡା ୮୫ ଭାଗ ଧାନ ପାଚି ଯାଇଥିଲେ କିମ୍ବା ହଳଦିଆ ବା ସୁନା ରଙ୍ଗର ଦେଖା ଯାଉଥିଲେ ଅମଳ କରନ୍ତୁ। ଅମଳ ହୋଇଥିବା ଫସଲକୁ ଅଦିନିଆ ବର୍ଷା ରୁ ରକ୍ଷା ପାଇଁ ସୁରକ୍ଷିତ ସ୍ଥାନ କୁ ନିଅନ୍ତୁ । ଧାନ ଅମଳ ପରେ ଦିନକୁ ୮ ଘଣ୍ଟା, ଦୁଇ ରୁ ତିନି ଦିନ ସିମେଣ୍ଟ ଚଟାଣ ରେ କିମ୍ବା ୨୦୦-ମାଇକ୍ରନ କଳା ପଲିଥିନ ଉପରେ ୨.୫ ସେମି ଉଚ୍ଚରେ ଶୁଖାଇ ଦେଲେ ଆଦ୍ରତା ଶତକଡା ୧୪ କୁ ଖସି ଆସିବ ବିହନ ପାଇଁ ଧାନ ରଖିବାକୁ ଥିଲେ ଆଦ୍ରତା ଶତକଡା ୧୨ ଭାଗ ରଖନ୍ତୁ। |
| ବିରି | ଧଳାମାଛି ନିୟନ୍ତ୍ରଣ ପାଇଁ ବିହନ ବୁଣିବା ପୂର୍ବ ରୁ ପ୍ରତି କିଲୋଗ୍ରାମ ବିହନ ରେ ୭-ଗ୍ରାମ Imidacloprid ନାମକ କୀଟନାଶକ ମିଶାଇ ବିଶୋଧନ କରନ୍ତୁ । ଗଛ ୨-୩ ପତ୍ର ହେବା ଅବସ୍ଥା ରୁ ଏକର ପ୍ରତି ୮-୧୦ଟି ହଳଦିଆ ଅଠା ଯୁକ୍ତ ଯନ୍ତା ବସାନ୍ତୁ । ଧଳା ମାଛି ମାନେ ହଳଦୀ ରଙ୍ଗ କୁ ଆକୃଷ୍ଟ ହୋଇ ଯନ୍ତା ଅଠାରେ ଲାଖି ମରିଯିବେ । ସାହେବୀ ଆକ୍ରାନ୍ତ ଗଛ ଗୁଡିକୁ ଉପାଡି ନଷ୍ଟ କରି ଦିଅନ୍ତୁ । ପ୍ରାଥମିକ ଅବସ୍ଥାରେ ଧଳାମାଛି ର ପରିଚାଳନା ପାଇ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ppm କୁ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ପୋକ ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Acetamiprid ନାମକ କୀଟନାଶକ ୨୦୦-ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ମାଣ୍ଡିଆ | ମାଣ୍ଡିଆ ମଞ୍ଜି ପାକଳ ରୁ ଅମଳ ହେବା ଅବସ୍ଥାରେ ଅଛି । ପାକଳ ମାଣ୍ଡିଆ ଅମଳ କରନ୍ତୁ ଓ ଅମଳ ହୋଇଥିବା ଫସଲକୁ ଅଦିନିଆ ବର୍ଷା ଜନିତ କ୍ଷତି ରୁ ରକ୍ଷା କରିବା ପାଇଁ ସୁରକ୍ଷିତ ସ୍ଥାନକୁ ନିଅନ୍ତୁ। |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଫୁଲକୋବି | କୋବି ଫସଲରେ ଠିକିପିଠିଆ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬ -୮ ଟି ଆଲୋକ ଯନ୍ତା ଲଗାନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୧ ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM Azadirachtin କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହି କୀଟ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Tolfenpyrad ନାମକ କୀଟନାଶକ କିମ୍ବା ୨୦ ଗ୍ରାମ Flubendiamide ନାମକ କୀଟନାଶକ କିମ୍ବା ୮୦ ଗ୍ରାମ Emamectin Benzoate ୫% SG ୨୦୦ ଲିଟର ପାଣିରେ ମିଶାଇ ସିଂ ଚନ କରନ୍ତୁ। |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଛେଳି | ଶୀତ ଦିନେ ସକାଳ ର କାକର ଭିଜା ଘାସ ଖାଇବା ଦ୍ଵାରା , ଛେଳି ଛୁଆ ଶରୀର କୁ ବହୁତ ମାତ୍ରା ରେ ପରଜୀବୀ ପ୍ରବେଶ କରନ୍ତି । ଏହାର ପ୍ରଭାବ ରେ ଛେଳି ଛୁଆ ଭୟଙ୍କର ପେଟ ଯନ୍ତ୍ରଣା ରେ ପଡି ମୃତ୍ତୁ ବରଣ କରେ । ତେଣୁ ଶୀତ ଦିନେ ଛେଳି ଛୁଆ ମାନଙ୍କୁ ବିଳମ୍ବ ରେ ଚରିବାକୁ ଛାଡନ୍ତୁ । |